# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30th October - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ମାସ ୨୬ ତାରିଖରୁ ଆରମ୍ଭ ।

- ରାଜ୍ୟରେ ସୁଭଦ୍ରା ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ମିଳିବ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ବାତ୍ୟା 'ଦାନା'ପାଇଁ କେନ୍ଦ୍ର ସରକାରଙ୍କଠାରୁ ସହାୟତା ଆସିବା ପୂର୍ବରୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରଦାନ କରିବେ କ୍ଷତିପୂରଣ ରାଶି ।

- ରାଜ୍ୟରେ ଖୁବ୍‌ଶୀଘ୍ର ଧାନମଣ୍ଡି ଖୋଲିବା ନେଇ ଯୋଗାଣ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ନୂତନ ୧୨ଟି ଇ-ବସ୍ ଲୋକର୍ପିତ ।

*Desk*

# ଶୀତକାଳୀନ ଅଧିବେଶନ

ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ମାସ ୨୬ ତାରିଖରୁ ଆରମ୍ଭ ହେବ । ୩୦ଟି କାର୍ଯ୍ୟଦିବସ ରହିଥିବା ବିଧାନସଭାର ଏହି ଅଧିବେଶନ ଡିସେମ୍ବର ୩୧ ତାରିଖରେ ଶେଷ ହେବ । ଏନେଇ ରାଜ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅଧିବେଶନର ପ୍ରଥମ ଦିନରେ ୨୦୨୪-୨୫ ଆର୍ଥିକ ବର୍ଷପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ । ଡିସେମ୍ବର ୫ ତାରିଖରେ ପ୍ରଥମ ଅତିରିକ୍ତ ବଜେଟ୍ ଉପରେ ବ୍ୟୟ ମଞ୍ଜୁରି ବିଲ୍ ଉପସ୍ଥାପିତ ହେବାର କାର୍ଯ୍ୟସୂଚୀ ରହିଛି ।

*Desk*

# ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ହିତାଧିକାରୁଙ୍କୁ ଖୁବ୍‌ଶୀଘ୍ର ମିଳିବ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା । ଏହି ପର୍ଯ୍ୟାୟରେ ବାଦ୍ ପଡ଼ିଥିବା ଅଙ୍ଗନୱାଡ଼ିକର୍ମୀଙ୍କୁ ମଧ୍ୟ ସୁଭଦ୍ରା ଟଙ୍କା ମିଳିବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେଥିପାଇଁ ସମସ୍ତ ପ୍ରୟାସ କରାଯାଉଛି । ସେ କହିଛନ୍ତି, ସୁଭଦ୍ରା ଯୋଜନାପାଇଁ ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ପୁନଃ

ଯାଞ୍ଚ୍ କରାଯିବ । ଏଥିପାଇଁ ଆସନ୍ତା ଶୁକ୍ରବାର ଦିନ ନୋଡାଲ୍ ଏଜେନ୍ସିଙ୍କୁ ନିଯୁକ୍ତି ଦିଆଯିବ । ଶ୍ରୀମତୀ ପରିଡ଼ା କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧ କୋଟି ୬୦ ହଜାର ମହିଳା ସୁଭଦ୍ରା ଯୋଜନାପାଇଁ ଆବେଦନ କରିସାରିଛନ୍ତି । ଦୁଇଟି ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ମୋଟ୍ ୬୦ ଲକ୍ଷ ମହିଳାଙ୍କୁ ପ୍ରଥମ କିସ୍ତି ସହାୟତା ପ୍ରଦାନ କରାଯାଇଛି । ଖୁବ୍ ଶୀଘ୍ର ତୃତୀୟ ପର୍ଯ୍ୟାୟରେ ବାକି ରହିଥିବା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବ । ଶେଷ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବାଯାଏଁ ଏହି ପ୍ରକ୍ରିୟା ଜାରି ରହିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***HS***

## ବାତ୍ୟା କ୍ଷତିପୂରଣ

ବାତ୍ୟା 'ଦାନା' ପାଇଁ କେନ୍ଦ୍ର ସରକାରଙ୍କଠାରୁ ସହାୟତା ଆସିବା ପୂର୍ବରୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କ୍ଷତିପୂରଣ ଦେବା ଆରମ୍ଭ କରିବେ । କେନ୍ଦ୍ରରୁ କ୍ଷତିପୂରଣ ରାଶି ଆସିଲେ ତାହାକୁ ଭରଣା କରାଯିବ ବୋଲି ରଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏବେ ବାତ୍ୟାର କ୍ଷୟକ୍ଷତି ଆକଳନ କରାଯାଉଛି । ଯେଉଁ ସ୍ଥାନରେ ଚାଷଜମି କ୍ଷତିଗ୍ରସ୍ତ ହୋଇଛି, ତାହାର ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ଥିତି ଅନୁଧ୍ୟାନପାଇଁ କେବେ କେନ୍ଦ୍ରୀୟ ଟିମ୍ ଆସିବେ ତାହା ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

*HS*

# ସ୍ୱାସ୍ଥ୍ୟ ଭିତ୍ତିଭୂମି

ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମ୍ପର୍କିତ ସମସ୍ତ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

*HS*

# ରାସନ କାର୍ଡ଼

ନଭେମ୍ବର ମାସରୁ ରାଜ୍ୟରେ ନୂଆ ରାସନ କାର୍ଡ଼ ପ୍ରଦାନ କରାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏଥିପାଇଁ ନୂତନ ଭାବେ ଆବେଦନ କରିଥିବା ୧୦ ଲକ୍ଷ ଆବେଦନକୁ ଯାଞ୍ଚ୍ କରାଯାଇ ଯୋଗ୍ୟ

ହିତାଧିକାରୀଙ୍କୁ କାର୍ଡ଼ ଦିଆଯିବ । ଖାଦ୍ୟ ଓ ଯୋଗାଣ ବିଭାଗ ଏନେଇ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି । ବର୍ତ୍ତମାନ କରାଯାଉଥିବା ଇ-କେ.ୱାଇ.ସି.ରୁ ବହୁ ସଂଖ୍ୟାରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେଉଛନ୍ତି । ଆଉ ଅଳ୍ପଦିନ ମଧ୍ୟରେ ଇ-କେ.ୱାଇ.ସି. ଶେଷ ହେବା ପରେ ନଭେମ୍ବରରୁ ନୂଆ କାର୍ଡ଼ ମିଳିବ ବୋଲି ମନ୍ତ୍ରୀ ଶ୍ରୀପାତ୍ର କହିଛନ୍ତି ।

*Nayagarh/R*

# ଆଲୋଚନାଚକ୍ର

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପତ୍ର ସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର ଆନୁକୂଲ୍ୟରେ ଆଜି ନୟାଗଡ଼ର ସମସ୍ତ ସାମ୍ବାଦିକମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଓ ସମ୍ମାନିତ ଅତିଥିଭାବେ ପି.ଆଇ.ବି.ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ ।

# ଧାନମଣ୍ଡି

ରାଜ୍ୟରେ ଖୁବ୍‌ଶୀଘ୍ର ଧାନମଣ୍ଡି ଖୋଲିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଆସନ୍ତା ଦୁଇଦିନ ମଧ୍ୟରେ ଚଳିତ ବର୍ଷ ଲାଗି ଧାନ କିଣା ନେଇ ମାର୍ଗଦର୍ଶିକା ଜାରି କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଚାଷୀଙ୍କ ଖାତାରେ କୁଇଣ୍ଟାଲ୍ ପିଛା ୩ ହଜାର ୧୦୦ ଟଙ୍କା ଲେଖାଏଁ ଜମା କରାଯିବ । ଏଣିକି ମଣ୍ଡି ଗସ୍ତ କରୁଥିବା ସରକାରୀ ଅଧିକାରୀମାନଙ୍କ ଫଟୋ ଉଠାଯିବ । ଏନେଇ ଏକ ଆପ୍ ପ୍ରସ୍ତୁତ ହୋଇଛି । ପ୍ରତ୍ୟେକ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ମଣ୍ଡିର ଦାୟିତ୍ୱ ଦିଆଯିବ । ୪ରୁ ୫ଟି ମଣ୍ଡିକୁ ନେଇ ଗୋଟିଏ ଜୋନ୍ କରାଯିବ । ବରିଷ୍ଠ ଅଧିକାରୀ ଜୋନ୍ ଦାୟିତ୍ୱରୁ ରହିବାକୁ ଥିବାବେଳେ ଜିଲ୍ଲାପାଳମାନେ ବ୍ୟବସ୍ଥାର ଅନୁଧ୍ୟାନ କରିବେ । ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ଓ ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୫୬୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି । ଧାନ କିଣା ସମୟରେ ଦଲାଲ୍‌ମାନଙ୍କ ଉପରେ ନଜର ରଖିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

# ଇ-ବସ୍ ଲୋକାର୍ପଣ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ନୂତନ ୧୨ଟି ଇ-ବସ୍‌ର ଲୋକାର୍ପଣ କରିଛନ୍ତି। ଏହାସହ ବି.ଏସ୍.ଏ.ବି.ଟି., ପୁରୀ ବସ୍‌ଷ୍ଟାଣ୍ଡ ଏବଂ ମାଷ୍ଟରକ୍ୟାଣ୍ଟିନ୍‌ଠାରେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍‌ର ଶୁଭାରମ୍ଭ ସହ ଯାତ୍ରୀ ଆପ୍‌କୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଯାତ୍ରୀମାନଙ୍କ ପାଇଁ ନିରାପତ୍ତା ଓ ଜନ ପରିବହନର ଆବଶ୍ୟକତାକୁ ପ୍ରାଥମିକତା ଦିଆଯାଇ ଇ-ବସ୍ ଏବଂ ଏ.ଟି.ଭି.ଏନ୍. ସେବାର ଆରମ୍ଭ କରାଯାଇଥିବା ମନ୍ତ୍ରୀ କହିଛନ୍ତି । ବିକଶିତ ଓଡ଼ିଶା ଦର୍ଶନ ଅଧୀନରେ ଏକ ସ୍ଥାୟୀ ବିକାଶ ଦିଗରେ ସାମୂହିକ ପ୍ରତିବଦ୍ଧତାକୁ ସୂଚାଉଛି । ସମସ୍ତ ରୁଟ୍‌ର ବିସ୍ତୃତ ମାର୍ଗ ସୂଚନା ପ୍ରଦାନ ପାଇଁ ଉନ୍ନତ ଜ୍ଞାନକୌଶଳ ପଦ୍ଧତିର ବ୍ୟବହାର କରାଯାଇଛି ।

ସହରାଞ୍ଚଳ ପରିବହନ ଯାତାୟତର ନେଟୱାର୍କକୁ ବୃଦ୍ଧି କରି ସମୁଦାୟ ୪୭୫ ମୋ ବସ୍ ୯୭ଟି ରୁଟ୍‌ରେ ଯାତାୟତ ସେବା ପ୍ରଦାନ କରୁଥିବାବେଳେ ସେଥିମଧ୍ୟରୁ ୯୫ଟି ଇ-ବସ୍ ଚଳାଚଳ କରୁଛି। ଏହି ସେବା କେବଳ ଟିକେଟ୍ ପ୍ରକ୍ରିୟାକୁ ସରଳ କରିବ ତାହା ନୁହେଁ, ବରଂ ଯାତ୍ରୀ ସଂଖ୍ୟା ଓ ରାଜସ୍ୱ ବୃଦ୍ଧିରେ ସକ୍ଷମ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର 'ଓଡ଼ିଶା ଯାତ୍ରୀ ଆପ୍'ର ଲୋଗୋ ଉନ୍ମୋଚନ ସହ କିଓସ୍କର ଉଦ୍‌ଘାଟନ କରିଛନ୍ତି । ଏହି ଓଡ଼ିଶା ଯାତ୍ରୀ ଆପ୍ ଉଭୟ ଟ୍ୟାକ୍ସି ଏବଂ ଅଟୋ ଚାଳକଙ୍କୁ ସଶକ୍ତ କରିବ ।

ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

***Desk***

## ଷ୍ଟାଣ୍ଡିଂ କମିଟି

ବିଧାନସଭା ଷ୍ଟାଣ୍ଡିଂ କମିଟି ଆଜି କଟକ ଏସ୍.ସି.ବି. ମେଡିକାଲ୍ ପରିଦର୍ଶନ କରିଛନ୍ତି । ୧୨ ଜଣିଆ ବିଧାୟକ କମିଟି ଏସ୍.ସି.ବି. ମେଡିକାଲ୍ ପରିଦର୍ଶନ କରିବା ସହ ମେଡିକାଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ମେଡିକାଲ୍‌ର ବିଭିନ୍ନ ସମସ୍ୟା ଓ ଏସ୍.ସି.ବି. ଏମ୍ସ ପ୍ଲସ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଛି । କମିଟି ମେଡିକାଲ୍‌ର ସମସ୍ତ ବିଭାଗ ପରିଦର୍ଶନ କରିବା ସହ ପ୍ରତିଟି ଦିଗ ଉପରେ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ବର୍ତ୍ତମାନ ଏସ୍.ସି.ବି.ରେ ୨ ହଜାରରୁ ଊର୍ଦ୍ଧ୍ୱ ବେଡ୍ ରହିଥିବାବେଳେ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏସ.ସି.ବି.କୁ ଚିକିତ୍ସାପାଇଁ ଆସୁଛନ୍ତି । ରୋଗୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର କିପରି ଶୀଘ୍ର ସମାଧାନ କରାଯିବ, ସେନେଇ ରିପୋର୍ଟ ଆଧାରରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବେ । ଏହି ବୈଠକରେ ଷ୍ଟାଣ୍ଡିଂ କମିଟି ସହ କଟକ ଅତିରିକ୍ତ ଜିଲ୍ଲାପାଳ, ଡି.ଏମ୍.ଇ.ଟି. ଓ ଏସ୍.ସି.ବି. ମେଡିକାଲ୍ ଅଧକ୍ଷ ଉପସ୍ଥିତ ଥିଲେ ।

***Desk***

# ଦୀପାବଳି ମାର୍ଗଦର୍ଶିକା

ଦୀପାବଳିରେ ବାଣ ବିକ୍ରି ଉପରେ କମିଶନରେଟ୍ ପୁଲିସ୍ ପକ୍ଷରୁ କଡା ନିୟମ ଜାରି କରାଯାଇଛି । ଖୁଚୁରା ବାଣ ଦୋକାନୀ ଗୋଟିଏ ଦୋକାନରେ ୩ ଶହ କେଜିରୁ ଅଧିକ ବାଣ ରଖିପାରିବେ ନାହିଁ । ଅନ୍ୟପକ୍ଷରେ, ରାଜଧାନୀରେ ୨୫ଟି ଅସ୍ଥାୟୀ ସ୍ଥାନରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି । ୨୦୦ ଦୋକାନୀଙ୍କୁ ଏଥିପାଇଁ ସ୍ୱୀକୃତି ମିଳିଛି । ବାଣ ଦୋକାନ ପାଖରେ ଦୁର୍ଘଟଣାକୁ ଏଡେଇବାକୁ କମ୍ବଳ, ପାଣି ବାଲ୍‌ଟି ଓ ବାଲି ବସ୍ତା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ନିଆଁ ଲିଭା ଯନ୍ତ୍ର ଏବଂ ବିଦ୍ୟୁତ୍ ସରଞ୍ଜାମ ଉପରେ ଧ୍ୟାନ ଦେବାକୁ କୁହାଯାଇଛି ।

ଅନ୍ୟପକ୍ଷରେ, ସୁରକ୍ଷିତ ଦୀପାବଳି ପାଇଁ କଟକ ଓ ଭୁବନେଶ୍ୱରରେ ଅସ୍ଥାୟୀ ଭାବେ ୭ଟି ଅତିରିକ୍ତ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିବା ନେଇ ଗତକାଲି ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଥିଲେ । କଟକରେ ୪ଟି ଓ ଭୁବନେଶ୍ୱରରେ ୩ଟି ଅତିରିକ୍ତ ଦମକଳ କେନ୍ଦ୍ର ହେବ । ଦୀପାବଳି ଦିନ ଅଗ୍ନିଶମ ଅଧିକାରୀମାନେ ଏହି ୨ଟି ସହରରେ ସ୍ଥିତି ନିରୀକ୍ଷଣ କରିବେ । କୌଣସି ସ୍ଥାନରେ ନିଆଁ ଲାଗିଲେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨କୁ ଫୋନ୍ କରିବାକୁ ଶ୍ରୀ ସ୍ୱାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ରାଜ୍ୟରେ ଦୀପାବଳି ପାଳନ ନେଇ ପୁଲିସ୍ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଦୀପାବଳି ଦିନ ରାତି ୧୦ଟା ମଧ୍ୟରେ

ବାଣ ଫୁଟାଇବା ପାଇଁ ଅନୁମତି ଦିଆଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ପ୍ରଦୂଷଣମୁକ୍ତ ସବୁଜ ବାଣ ବ୍ୟବହାର ସହ ପାରମ୍ପରିକ ଦୀପାବଳି ପାଳନ କରିବାକୁ ଅନୁରୋଧ କରିଛନ୍ତି। ଚୋରା ବାଣ ବିକ୍ରୀ ପ୍ରତି ସଜାଗ ରହିବାକୁ ରାଜ୍ୟର ସମସ୍ତ ଆରକ୍ଷୀ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

***Puri/R***

## ବନକଲାଗି

**ପୁରୀ** ଶ୍ରୀମନ୍ଦିରରେ ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ଅପରାହ୍ଣ ୫ଟାରେ ଏହି ନୀତି ହେବାପାଇଁ ସ୍ଥିରୀକୃତ ହୋଇଥିବାବେଳେ ମହାପ୍ରଭୁଙ୍କ ମହାସ୍ନାନ ନୀତି ସରି ନ ଥିବା କାରଣରୁ ଦ୍ୱିତୀୟ ଭୋଗ ମଣ୍ଡପ ନୀତିରେ ବିଳମ୍ୱ ଘଟିଛି । ଦ୍ୱିତୀୟ ଭୋଗ ମଣ୍ଡପ ନୀତି ସମ୍ପନ୍ନ ହେବା ପରେ ବନକଲାଗି ନୀତି ପ୍ରାୟ ସାଢ଼େ ୭ଟା ପରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଏଥିପାଇଁ ଆଜି ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ୍ ରହିଛି ।

*****